**GOVERNMENT OF ODISHA**

Sports & Youth Services Department

Kalinga Stadium Sports Complex, Nayapalli, Bhubaneswar-751012

e-mail: deptsportsodisha@gmail.com

****

**No-SYS-SPW-AWARD-0002-2025** 17147 / 10th June ,2026

# ବିଜ୍ଞାପନ

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୫' ନିମନ୍ତେ ବ୍ୟକ୍ତିବିଶେଷ/ଅନୁଷ୍ଠାନଙ୍କ ଠାରୁ ନିମ୍ନୋକ୍ତ ବର୍ଗରେ ମନୋନୟନ ପତ୍ର ଆହ୍ୱାନ କରାଯାଉଅଛି ।

**ପୁରସ୍କାର ବର୍ଗ :** (୧) କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି (୨) କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍, (୩) କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, (୪) କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, (୫) କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, (୬) ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍, (୭) ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡ଼ାବିତ୍ ଓ (୮) ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/ସହକାରୀ କର୍ମକର୍ତ୍ତା ।

**ନିୟମାବଳୀ : (୧)** ବିଭିନ୍ନ ବର୍ଗରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ସବିଶେଷ ମାର୍ଗଦର୍ଶିକା, ବିଭିନ୍ନ ବର୍ଗ ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶି, ଆବେଦନ ପାଇଁ ଫର୍ମ ଇତ୍ୟାଦି କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟରେ (https://sports.odisha.gov.in) ଉପଲବ୍ଧ ଅଟେ । **(୨)** ମନୋନୟନପତ୍ର ଉଭୟ ଅଫଲାଇନ ଓ ଅନଲାଇନ (ଉପରୋକ୍ତ ବିଭାଗୀୟ ୱେବସାଇଟ ମାଧ୍ୟମରେ) ପଦ୍ଧତିରେ **ତା ୧୦.୦୭.୨୦୨୬ ଅପରାହ୍ନ ୫.୦୦ ଘଣ୍ଟିକା** ସୁଦ୍ଧା ଗ୍ରହଣ କରାଯିବ । **(୩)** ଏହି ସମୟସୀମା ବାହାରେ ପ୍ରାପ୍ତ ମନୋନୟନ ପତ୍ର ଗ୍ରହଣଯୋଗ୍ୟ ହେବନାହିଁ। **(୪)** ଆବେଦନକାରୀ ଅଫଲାଇନ୍ ପଦ୍ଧତିରେ ମନୋନୟନ ପତ୍ର ଦାଖଲ କରୁଥିଲେ ମନୋନୟନ ପତ୍ର ଓ ସମସ୍ତ ସମ୍ପର୍କିତ କାଗଜପତ୍ର ସହିତ 'ନିର୍ଦ୍ଦେଶକ, କ୍ରୀଡ଼ା , କ୍ରୀଡ଼ା ଓ ଯୁବସେବା ବିଭାଗ, କଳିଙ୍ଗ ଷ୍ଟାଡ଼ିୟମ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨' ଠିକଣାରେ ଡାକ (Speed Post)/ କୋରିଅର ସେବା ଯୋଗେ ପ୍ରେରଣ କରିପାରିବେ। **(୫)** ଆବେଦନପତ୍ର ଲଫାପା ଉପରେ ପ୍ରେରକ ତାହାଙ୍କର ସଂପୂର୍ଣ୍ଣ ନାମ, ଡାକ ଠିକଣା, ମୋବାଇଲ ନମ୍ବର, ଇ-ମେଲ ଆଇ.ଡି ଲେଖିବେ । ତତ୍ ସହିତ, ଲଫାପାର ଉପର ଭାଗରେ ସ୍ୱଷ୍ଟ ଭାବରେ **'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୫'** ଲେଖିବେ । **(୬)** ମନୋନୟନ ପତ୍ର ଦାଖଲ ତଥା ପରବର୍ତ୍ତି ଯେକୌଣସି ପରିସ୍ଥିତିରେ କ୍ରୀଡ଼ା ଓ ଯୁବସେବା ବିଭାଗଙ୍କ ନିଷ୍ପତ୍ତି ସର୍ବଦା ଚୂଡାନ୍ତ ରହିବ ।

ସ୍ୱା/-

**ନିର୍ଦ୍ଦେଶକ, କ୍ରୀଡ଼ା**